# ଅଗଷ୍ଟ ୨୮ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ

ଭୁବନେଶ୍ୱର, ତା୨୩।୮ (ନି.ପ୍ର.)– ୟୁପିଏ ସରକାର କେନ୍ଦ୍ରରେ କ୍ଷମତାକୁ ଆସିବାର ଦୀର୍ଘ ଅଢେଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ଆଗାମୀ ୨୮ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବାର ଜଣାପଡିଛି । ପ୍ରଧାନମନ୍ତ୍ରୀ ଡଃ ସିଂହଙ୍କର ଏହା ହେବ ପ୍ରଥମ ଓଡ଼ିଶା ଗସ୍ତ । ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇନଥିଲେ ହେଁ ସେ ଆଗାମୀ ୨୮ ଓ ୨୯ତାରିଖ ଦୁଇଦିନ ଧରି ଓଡ଼ିଶାର କେତେକ କାର୍ଯ୍ୟକ୍ରମରେ ଯୋଗଦେବେ । ୨୮ତାରିଖ ପୂର୍ବାହ୍ନ ସାଢେ ୧୦ଟାବେଳେ ପ୍ରଧାନମନ୍ତ୍ରୀ ବିଜୁ ପଟ୍ଟନାୟକ ବିମାନଘାଟିରେ ପହଞ୍ଚିବା ପରେ ସେଠାରୁ ସିଧା ଅନୁଗୁଳ ଜିଲାର କଣିହାଁ ଗସ୍ତ କରିବେ । ସେଠାରେ ଏନଟିପିସିର ସମ୍ପ୍ରସାରିତ ୟୁନିଟ୍‌କୁ ପ୍ରଧାନମନ୍ତ୍ରୀ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ସେଠାରୁ ଫେରି ଅପରାହ୍ନ ସାଢେ ୪ଟା ବେଳେ ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ କେନ୍ଦ୍ରର ଶିଳାନ୍ୟାସ କରିବେ ଏବଂ ସନ୍ଧ୍ୟାରେ ରାଜ୍ୟପାଳ ରାମେଶ୍ୱର ଠାକୁର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେହିଦିନ ପ୍ରଧାନମନ୍ତ୍ରୀ ରାଜଭବନରେ ଅବସ୍ଥାନ କରିବେ । ୨୯ତାରିଖ ପୂର୍ବାହ୍ନ ୧୦ଟାବେଳେ ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଯିବେ । ତେବେ ସେ

• ପୃଷ୍ଠା ୨ ଦେଖନ୍ତୁ